# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 1198 CUTTACK, TUESDAY, JULY 17, 2018/ASADHA 26, 1940**


## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର

ଅଧିସୂଚନା

ତାରିଖ 23 ଅପ୍ରେଲ 2018

No. 218—XIV-10/2018-SLA.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଦୈତାରୀ–ବାଂଶପାଣି ଦୋହରିକରଣ ରେଳପଥ ନିର୍ମାଣ ନିମନ୍ତେ ମୌଜା ହର୍ଷପୁର, ଥାନା ସଦର ନମ୍ବର ୧୧୮, ତହସିଲ କେନ୍ଦୁଝର, ଜିଲ୍ଲା କେନ୍ଦୁଝରରେ ନିମ୍ନ ତଫସିଲମତେ ପ୍ରାୟ 0.08 ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନା ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଦୈତାରୀ–ବାଂଶପାଣି ଦୋହରିକରଣ ରେଳପଥ ପ୍ରକଳ୍ପ ।

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ଯାଜପୁର–କେନ୍ଦୁଝର ରୋଡ, ଯାଜପୁର ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ କାର୍ଯ୍ୟକାରୀ କରିବା ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଓଡ଼ିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା 20259-R&DM., ତା 23 ଜୁନ୍ 2017ରିଖ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, କେନ୍ଦୁଝର ।

୬ । ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନମ୍ବର | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଏଥିସହିତ ଭୂମି ଅନୁସୂଚୀ ସଲଗ୍ନ ହୋଇଅଛି । | | | | | | | |

ଉକ୍ତ ଭୂମିର ଏକ ନକ୍ସା, ଭୂ-ଅର୍ଜନ ଅଧିକାରୀ, ଦୈତାରୀ–ବାଂଶପାଣି ଦୋହରିକରଣ ରେଳପଥ ପ୍ରକଳ୍ପ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ଭୂମି ଅନୁସୂଚୀ**

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅର୍ଜନ ରକବା | ରୟତଙ୍କ ନାମ |
|---|---|---|---|---|
| (୧) | (୨) | (୩) | (୪) | (୫) |
| | | ଏକର | ଏକର | |
| ୧୨ | ୪୮ | ୦.୩ | ୦.୦୧ | କୁଞ୍ଜବିହାରୀ ସାହୁ |
| ୭୯/୧୧୧ | ୪୫ | ୦.୫୩ | ୦.୦୭ | ନାକୁ ନାୟକ |
| **ମୋଟ** | **. .** | **୦.୮୩** | **୦.୦୮** | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଆଶିଷ ଠାକ୍‌ରେ**

ଜିଲ୍ଲାପାଳ, କେନ୍ଦୁଝର

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 675—173+15